## ବାଛୁରୀ ଜୀବନ୍ତ ଦଗ୍ଧ

ବାହାନଗା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଭିଲ୍ଲା ଗ୍ରାମର ଦିଲୀପ ବେହେରାଙ୍କ ଗୁହାଳରେ ନିଆଁ ଲାଗି ଏକ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଛି। ଘରେ ସମସ୍ତେ ଶୋଇଥିବା ବେଳେ ଗୁହାଳ ଜଳୁଥିବା ନେଇ ପଡୋଶୀ ଦେଖିଥିଲେ। ଗୁହାଳରୁ ଗୋରୁମାନଙ୍କୁ ବହୁ କଷ୍ଟରେ ବାହାର କରାଯାଇଥିବା ବେଳେ ଏକ ବାଛୁରୀ ଆସି ପାରି ନ ଥିଲା। ବାହାନଗାସ୍ଥିତ ଷଠୀ ଦମକଳ କେନ୍ଦ୍ର ପକ୍ଷରୁ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### କୂଅରେ ପଡ଼ି ବୃଦ୍ଧ ଗୁରୁତର

ଖୁଣ୍ଟା/କୁଆମରା, ୭।୪ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାଲିଡ଼ିହା ଗ୍ରାମରେ ଗୁରୁବାର ଅପରାହ୍ନରେ କୂଅରେ ପଡ଼ି ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ନଳିନୀ ମହାପାତ୍ର। ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିବାବେଳେ ନିଜ ବାଡ଼ିରେ ଚଲାବୁଲା କରୁଥିବା ସମୟରେ କୂଅ ଭିତରକୁ ଖସି ପଡ଼ିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ କୂଅରୁ ଉଦ୍ଧାର କରି ଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ।

### ଧାରୁଆ ଅସ୍ତ୍ରରେ ସ୍ତ୍ରୀଙ୍କୁ ଆକ୍ରମଣ

ଆନନ୍ଦପୁର,୭।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ୭ ନଂ ଓ୍ୱାର୍ଡ଼ରେ ଜଣେ ଦମ୍ପତି ପିଲାଙ୍କ ସହିତ ଦୀର୍ଘ ବର୍ଷ ଧରି ରହିଆସୁଥିଲେ। ବହୁ ସମୟରେ ଉଭୟଙ୍କ ମଧ୍ୟରେ ବିଭିନ୍ନ କାରଣକୁ କେନ୍ଦ୍ର କରି କଳହ ଲାଗି ରହୁଥିଲା। ଫଳରେ ମହିଳା ଜଣକ କିଛି ଦିନ ତଳେ ନିଜ ବାପ ଘରକୁ ପଳାଇଯାଇଥିଲେ। ଆପୋଷ ବୁଝାମଣ ପରେ ବାପଘରୁ ବୁଧବାର ଆସି ସ୍ୱାମୀଙ୍କ ଘରେ ଥିଲେ। ପୁନର୍ବାର ଉଭୟଙ୍କ ମଧ୍ୟରେ କୌଣସି କାରଣରୁ କଳହ ହେବାରୁ ମହିଳାଙ୍କ ସ୍ୱାମୀ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବାବେଳେ ସ୍ୱାମୀ ଘଟଣାସ୍ଥଳରୁ ଫେରାର ଥିବା ସୂଚନା ମିଳିଛି। ତେବେ ଘଟଣା ସମ୍ପର୍କରେ ଆନନ୍ଦପୁର ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ଘର ଜଳିଗଲା

ଲଙ୍ଗଳେଶ୍ୱର, ୭।୪(ଡି.ଏନ.ଏ.)- ସିଂଲା ଥାନା ପୁଟୁରା ପଞ୍ଚାୟତ ଅଧୀନ କମାରଗଡ଼ିଆ ଡୁଭୁଲିଆ ଗ୍ରାମର ଅମିତାରାଣୀ ଗୋଚ୍ଛାୟତଙ୍କ ଏକ ବଖରା ଘର ଜଳିଯାଇଛି। ଅମିତା ଘରେ ରୋଷେଇ କରୁଥିବା ବେଳେ ହଠାତ୍ ଘରେ ନିଆଁ ଲାଗିଥିବା ଦେଖି ଗାଁଲୋକଙ୍କୁ ଡାକିଥିଲେ। ଗାଁଲୋକେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ସେତେବେଳକୁ ଘର ଭିତରେ ଥିବା ଧାନ, ଚାଉଳ, ଆସବାବପତ୍ର ସହିତ ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡିଛି। ଅମିତାଙ୍କ ସ୍ୱାମୀ ପର୍ଶୁରାମ ବାହାରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଘଟଣାସ୍ଥଳରେ ଦାଣ୍ଡି ରାଜସ୍ୱ ନିରୀକ୍ଷକ ଅଧିର କୁମାର ଦଳାଇ ପହଞ୍ଚି ତଦନ୍ତ ଚଳାଇବା ସହ ଉକ୍ତ ପରିବାରକୁ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବନ୍ତ, ୭।୪ (ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ମହତାବ ମଇ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୪ ଜଣ ବିଭିନ୍ନ ବିଭାଗର ଦିବ୍ୟାଙ୍ଗ ନାମ ପଞ୍ଜୀକୃତ କରିଥିବା ବେଳେ ଡାକ୍ତରୀ ପରୀକ୍ଷା ପରେ ୩୧୩ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବିଡିଓ ନିଶିକାନ୍ତ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ବିଡିଓ ଶୁଭଦର୍ଶନ ମିଶ୍ର, ସିଡିପିଓ ରେଣୁବାଳା ଦାସ, ଡିଏସ୍‌ଏସ୍‌ଓ ସୁରେନ୍ଦ୍ର ଗମାଙ୍ଗୋ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ସମିତିସଭ୍ୟ ପରମେଶ୍ୱର ବାରିକ। ସାମାଜିକ ସୁରକ୍ଷା ଅଧିକାରୀ ନିଶାକର ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ସାହୁ, ବିକାଶ ରାଉତ, ସମୀକ୍ଷା ତ୍ରିପାଠୀ, ସଙ୍ଗୀତା ପାଣିଗ୍ରାହୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରତିଷ୍ଠା ଦିବସରେ ସଫେଇ

ଖଇରା, ୭।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଉଁଶଗଡିଆ ପଞ୍ଚାୟତରେ ଭାଜପାର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ଯୁବ ସଭାପତି ଅଜୟ ଖିଲାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରପଞ୍ଚ ବିଚିତ୍ର ପାତ୍ର, ସମିତିସଭ୍ୟା ପ୍ରତିନିଧି ଶ୍ରୀକାନ୍ତ ବେହେରା, ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଦୈତାରୀ ପଣ୍ଡା, ଶମ୍ଭୁନାଥ ସାହୁ, ଶ୍ରୀକାନ୍ତ ଦେଉରୀ, ମାନସଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କର ଜନକଲ୍ୟାଣ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ ସମସ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ପରେ କର୍ମୀମାନଙ୍କ ଦ୍ୱାରା ବିଭିନ୍ନ ରାସ୍ତା ଓ ପୋଖରୀ ଘାଟ ସଫେଇ କରାଯାଇଥିଲା।

# ସାନଘାଗରା ନିକଟରେ ୧୬ ଟିକିଆ ହାତୀପଲ

## ପର୍ଯ୍ୟଟକଙ୍କୁ ଘାରିଛି ସୁରକ୍ଷା ଚିନ୍ତା



କେନ୍ଦୁଝର, ୭।୪ (ସ୍ୱ.ପ୍ର.)

ପ୍ରସିଦ୍ଧ ସାନଘାଗରା ଜଳ ପ୍ରପାତକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ୁଛି। ଜଳପ୍ରପାତ ବୁଲିବା ସହ ପ୍ରାକୃତିକ ପରିବେଶ ଓ ବୋଟିଂର ମଜା ଉଠାଉଛନ୍ତି। ତେବେ କିଛି ଦିନ ହେଲା ଜଳପ୍ରପାତ ନିକଟ ଜଙ୍ଗଲରେ ୧୬ ଟିକିଆ ହାତୀ ପଲ ରହୁଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗ ସୂତ୍ରରୁ ଜଣାପଡିଛି ଯେ, ୧୬ ହାତୀ ମଧ୍ୟରେ ୩ ଦନ୍ତା ଥିବା ବେଳେ ୯ ମାଈ ହାତୀ ଓ ୪ ଛୁଆ ହାତୀ ଅଛନ୍ତି। ସେମାନେ ଦିନ ବେଳା ଉକ୍ତ ଜଙ୍ଗଲରେ ଛପି ରହୁଥିବା ବେଳେ ରାତିରେ ବାହାରି ଆଖପାଖ ଅଞ୍ଚଳରେ ଉପଦ୍ରବ କରୁଥିବାରୁ ଆଖପାଖ ଅଞ୍ଚଳର ଲୋକ ମାନେ ଭୟଭୀତ ହୋଇ ପଡୁଛନ୍ତି।

ଅନ୍ୟପକ୍ଷରେ ଘଞ୍ଚ ଜଙ୍ଗଲ ଓ ପାହାଡ଼ ପରିବେଷ୍ଟିତ ଅଞ୍ଚଳ ମଧ୍ୟରେ ସାନଘାଗରା ଜଳପ୍ରପାତ ଅଞ୍ଚଳ ରହିଥିବାରୁ ହାତୀ ମାନେ ଚାଲିଆସିବା ସମ୍ଭାବନା ରହୁଛି। ଫଳରେ ଅଘଟଣ ଘଟିବା ଆଶଙ୍କା ଥିବାରୁ ଅନେକ ଭୟଭୀତ ହୋଇ ପଡୁଛନ୍ତି। ତେବେ ସେଭଳି କୌଣସି ସତର୍କତା ସୂଚନା ଦିଆଯାଇନଥିବାରୁ ଅନେକ ପର୍ଯ୍ୟଟକ ଏନେଇ ଅବଗତ ନ ଥିବା ବେଳେ ସେଭଳି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ସ୍ଥାନୀୟ ଲୋକ ଚିନ୍ତା ବ୍ୟକ୍ତ କରୁଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ସେମାନଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ଦାବି ହେଉଛି । ଏନେଇ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅଧିକାରୀ ମାନସ ମୁର୍ମୁ କହିଛନ୍ତି, ହାତୀ ମାନଙ୍କ ଗତିବିଧି ନିରୀକ୍ଷଣ କରିବା ପାଇଁ ବନ ବିଭାଗ କର୍ମୀ ନିୟୋଜିତ ହୋଇଛନ୍ତି । ଦିନରେ ବାହାରକୁ ଆସୁ ନ ଥିବାରୁ କୌଣସି ବିପଦ ନାହିଁ।

ଏଠାରେ ସୂଚନା ଯୋଗ୍ୟ, ବ୍ୟାପକ ଖଣିଖନନ ଓ ଜଙ୍ଗଲ ନଷ୍ଟ ସାଙ୍ଗକୁ ବହୁ ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ କା ଚଳାଚଳ, ସେମାନଙ୍କ ଉଜ୍ଜ୍ୱଳ ଆଲୋକ ଓ ବିକଟାଳ ହର୍ନ ଆଦି କାରଣରୁ ଉକ୍ତ ଅଞ୍ଚଳରେ ହାତୀ ପଲ ସୁବିଧାରେ ବିଚରଣ କରିପାରୁନାହାନ୍ତି। ଅନେକ ସମୟରେ ଖାଦ୍ୟ ପାଇଁ ଏଣେ ତେଣେ ଘୁରି ବୁଲୁଥିବା ବେଳେ ପଥ ଭ୍ରଷ୍ଟ ହୋଇ ଜନବାସତି ମୁହାଁ ହୋଇ କ୍ଷୟକ୍ଷତି ଘଟାଉଛନ୍ତି। ଏପରିକି ବନ ବିଭାଗ ପକ୍ଷରୁ ବିଭିନ୍ନ ରାସ୍ତାରେ ହାତୀ ଚଲାପଥର ସତର୍କତା ଫଳକ ଲଗାଇବା ସହ ଏହା ନିକଟରେ ଗାଡି ପାର୍କିଂ ନେଇ କଟକଣା ଲଗାଯାଇଥିଲେ ହେଁ ସେସବୁ ଠିକ ଭାବେ ପାଳନ ହେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ହାତୀ ମାନେ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯିବା ଆସିବା କରିପାରୁନାହାନ୍ତି। ସେହିପରି କାଇପୁର ଗ୍ରାମ ନିକଟରେ ଜଙ୍ଗଲ ଜମିରେ ଏବଂ ହାତୀ ଚଲାପଥ ନିକଟରେ ଟ୍ରକ ପାର୍କିଂ ଚାଲୁଥିଲେ ହେଁ ବନ ବିଭାଗ ଜମି ଯାଞ୍ଚ କରି ବିନା କାର୍ଯ୍ୟାନୁଷ୍ଠାନରେ ଚୁପଚାପ ବସିଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଏଣୁ ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଉଭୟ ମଣିଷ, ପର୍ଯ୍ୟଟକ ତଥା ହାତୀ ମାନଙ୍କ ସୁରକ୍ଷା କରିବାକୁ ପରିବେଶବିତ ମାନେ ଦାବି କରିଛନ୍ତି।

## ନବନିର୍ବାଚିତ ପୌରଉପାଧ୍ୟକ୍ଷ ଓ ଉପନଗରପାଳ

ବାଲେଶ୍ୱର ପୌରପାଳିକା

କୈଳାସ ସେଠୀ
ବିଜେଡି

ଜଳେଶ୍ୱର ପୌରପାଳିକା

ପୁଷ୍ପପ୍ରିୟା କାମିଲା
ବିଜେଡି

ସୋର ପୌରପାଳିକା

ସସ୍ମିତା ଦାସ
ଭାଜପା

ରେମୁଣା ଏନଏସି

ଆଇସାନ ଖାନ
ବିଜେଡି

ନୀଳଗିରି ଏନଏସି

ମହେନ୍ଦ୍ର ବେହେରା
ବିଜେଡି

ବାରିପଦା ପୌରପାଳିକା

ସୀମା ଦାସ
ବିଜେଡି

ରାଇରଙ୍ଗପୁର ପୌରପାଳିକା

ମମିତା ଚୌଧୁରୀ
ବିଜେଡି

କରଞ୍ଜିଆ ଏନ୍ଏସି

ସ୍ୱରୂପ ପରିଜା
ବିଜେଡି

ଉଦଳା ଏନ୍ଏସି

ଲିଲି ଭୋଳ
ବିଜେଡି

କେନ୍ଦୁଝରଗଡ଼ ପୌରପାଳିକା

ବରଦାପ୍ରସନ୍ନ ଦାସ
ବିଜେଡି

ଯୋଡ଼ା ପୌରପାଳିକା

ସନ୍ଧ୍ୟାରାଣୀ ପାତ୍ର
ବିଜେଡି

ବଡ଼ବିଲ ପୌରପାଳିକା

ସରସ୍ୱତୀ ନାଏକ
ବିଜେଡି

ଆନନ୍ଦପୁର ପୌରପାଳିକା

ଦୁର୍ଗାଚରଣ ଦଳେଇ
ବିଜେଡି

ଚମ୍ପୁଆ ଏନ୍ଏସି

ସୁମିତ୍ରା ବେହେରା
ବିଜେଡି

ଭଦ୍ରକ ପୌରପାଳିକା

ଅଞ୍ଜୁବାଳା ଜେନା
ବିଜେଡି

ବାସୁଦେବପୁର ପୌରପାଳିକା

ଉତ୍ତମ କୁମାର ବାରିକ
ବିଜେଡି

ଚାନ୍ଦବାଲି ଏନ୍ଏସି

ଅମରେନ୍ଦ୍ର ସାହୁ
ବିଜେଡି

# ତୈଳ ଦର ବୃଦ୍ଧିକୁ ନେଇ ଛାତ୍ର କଂଗ୍ରେସର ବିକ୍ଷୋଭ



ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଛାତ୍ର କଂଗ୍ରେସ କର୍ମକର୍ତ୍ତା।

ବାରିପଦା ଅଫିସ,୭।୪

ପ୍ରଦେଶ ଛାତ୍ର କଂଗ୍ରେସର ଆହ୍ୱାନ କ୍ରମେ ଗୁରୁବାର ମୟୂରଭଞ୍ଜ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ତୈଳ ବୃଦ୍ଧିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଭାପତି ମୋତି ପ୍ରକାଶ ଦାଶଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ କୃଷ୍ଣଚନ୍ଦ୍ର ଗୋଲେଇ ସ୍ଥିତ ଏଚ୍‌ପି ପେଟ୍ରୋଲ ପମ୍ପଠାରେ ସକାଳ ସାଢ଼େ ୮ଟାରୁ ୧୦ଟା ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଅହେତୁକ ତୈଳ ଦର ବୃଦ୍ଧିର ପ୍ରତିବାଦ ଜଣାଇଥିଲେ। ୧୫ ଦିନ ମଧ୍ୟରେ ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ୍‌ର ଏଭଳି ଦର ବୃଦ୍ଧି ଫଳରେ ସାଧାରଣ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳର ଦର ବୃଦ୍ଧି ଘଟି ନ ଥିବାବେଳେ କେନ୍ଦ୍ର ସରକାର ଅଯଥାରେ ତୈଳ ବୃଦ୍ଧି କରି ଲୋକଙ୍କ ଉପରେ ବୋଝ ଲଦି ଚାଲିଛନ୍ତି। ଆଗାମୀ ଦିନରେ ତୈଳ ଦର ହ୍ରାସ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଛାତ୍ର କଂଗ୍ରେସ ଚେତାବନୀ ଦେଇଛି। ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସ, ଅରବିନ୍ଦ ଦାସ, ଟାଉନ ସଭାପତି ଶାନ୍ତନୁ ପାଲ, ଯୋଗେଶ ଅଗ୍ରୱାଲ, ନିରୋଜ ଲୋଚନ ଦାଶ, ସୁସ୍ମିତା ଘୋଷାଲ, ଲିପୁନ ସ୍ୱାଇଁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

# 'ନିଜ ସୁରକ୍ଷା ନିଜ ହାତରେ'

ରୂପସା, ୭।୪(ଡି.ଏନ.ଏ. )

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ରୂପସା ନୀଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ ଶିବିରକୁ ଉଦ୍‌ଘାଟନ କରି ତାଲିମ ମାଧ୍ୟମରେ ଛାତ୍ରୀମାନେ 'ନିଜ ସୁରକ୍ଷା ନିଜ ହାତରେ' ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିବିରରେ କାର୍ଯ୍ୟକ୍ରମ ସଂଯୋଜିକା ପିନାକ୍ଷୀ ପଣ୍ଡା, ଡ଼. ଆରୁଣୀ ମିଶ୍ର ଯୋଗଦେଇ ତାଲିମ ଶିବିରର ଗୁରୁତ୍ୱ ଓ ଉପାଦେୟତା ସମ୍ବନ୍ଧରେ ସଚେତନ କରିଥିଲେ। ବରିଷ୍ଠ ଅଧ୍ୟାପିକା ନୀଳିମା ପାତ୍ର, ଅଧ୍ୟାପିକା ପଦ୍ମିନୀ ନାୟକ, ମାଷ୍ଟର ଟ୍ରେନର ବନିତା ସାହୁ ଓ ଜାନକୀ ଦାସ ପ୍ରମୁଖ ମଞ୍ଚାସୀନ ହୋଇ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବିରରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ୧ଶହ ଛାତ୍ରୀ ତାଲିମ ପାଇଁ ନାମ ପଞ୍ଜିକରଣ କରିଥିଲେ। ଏହି ଶିବିର ୮ ଦିନ ବ୍ୟାପୀ ଚାଲୁ ରହିବ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଙ୍ଗନୱାଡି କର୍ମୀଙ୍କ ଦାବିପତ୍ର

ଭଦ୍ରକ ଅଫିସ,୭।୪

ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଅଙ୍ଗନୱାଡି କର୍ମଚାରୀମାନଙ୍କ ସମସ୍ୟାକୁ ନେଇ ୧୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଗୁରୁବାର ଭଦ୍ରକ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଅଙ୍ଗନୱାଡି କ୍ଷେତ୍ରରେ ସ୍କିମ୍ ପ୍ରଥାକୁ ଉଚ୍ଛେଦ କରି ସରକାରୀ କର୍ମଚାରୀ ମାନ୍ୟତା, ଚାକିରି ସର୍ତ୍ତାବଳୀ ଲାଗୁ, ଅଙ୍ଗନୱାଡି କର୍ମୀଙ୍କୁ ୨୧ ହଜାର ଓ ସହାୟିକାଙ୍କୁ ୧୫ ହଜାର ଟଙ୍କା ମାସିକ ପାରିଶ୍ରମିକ, ୨୦୧୯ ମାର୍ଚ୍ଚରେ ସରକାରଙ୍କ ଦ୍ୱାରା ଘୋଷିତ ଅବସରକାଳୀନ ସହାୟତା ରାଶି ଏବଂ ଗ୍ରୀଷ୍ମ ଅବକାଶ ଲାଗୁ, ମିନି ଅଙ୍ଗନୱାଡି କର୍ମୀମାନଙ୍କୁ ଅଙ୍ଗନୱାଡି କର୍ମୀ ମାନ୍ୟତା ପ୍ରଦାନ ସହ ସହାୟିକା ନିଯୁକ୍ତି, ଆନ୍ଦୋଳନ ସମୟରେ ବହିଷ୍କୃତ ୭ କର୍ମୀଙ୍କୁ ପୁନଃ ନିଯୁକ୍ତି ଆଦି ଦାବି କରାଯାଇଛି। ଭଦ୍ରକ ବାଲଗୋପାଳ ମନ୍ଦିର ନିକଟରୁ ଶତାଧିକ ଅଙ୍ଗନୱାଡି କର୍ମୀ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ।



ବାହାରିଥିବା ଅଙ୍ଗନୱାଡି କର୍ମୀଙ୍କ ଶୋଭାଯାତ୍ରା।

# ସାପ କାମୁଡ଼ାରେ ଶିଶୁକନ୍ୟା ମୃତ

କେନ୍ଦୁଝର, ୭।୪ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ବାଙ୍ଗପାଟୁଳି ଗ୍ରାମରେ ସାପ କାମୁଡ଼ାରେ ଭିମସେନ ସାହୁଙ୍କ ୫ ବର୍ଷର ଝିଅ ମାମୁନିଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଘର ପାଖରେ ଖେଳୁଥିବାବେଳେ ଏକ ସାପ ତାଙ୍କ ହାତକୁ କାମୁଡି ଦେଇଥିଲା। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ୩ ଦିନ ବିତିଲା, କାର୍ଯ୍ୟାନୁଷ୍ଠାନ ଶୂନ

## ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ ଧମକ ଘଟଣା

ଉଦଳା, ୭।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଥିବା ଏକ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ମାଟ୍ରନ୍ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ କରିବାର ଧମକ ଦେବା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାକୁ ତିନିଦିନ ବିତି ଯାଇଥିବା ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ଛାତ୍ରୀ ଜଣଙ୍କ କିଛିଦିନ ପାଇଁ ବିଦ୍ୟାଳୟକୁ ଆସି ନ ଥିଲେ। ସେ ବିଦ୍ୟାଳୟକୁ ଫେରିବା ସମୟରେ ପ୍ରଧାନଶିକ୍ଷକ ଏବଂ ମାଟ୍ରନ୍ ତାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ବାବଦରେ କାହାକୁ କିଛି ଜଣାଇଲେ ଗାଧୋଇବା ବେଳର ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଉଦଳା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ସମେତ ଉପଖଣ୍ଡ ପୋଲିସ ଅଧିକାରୀ, ଉଦଳା ଥାନାଧିକାରୀ ଉକ୍ତ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ଏପରିକି ତଦନ୍ତର ୪୮ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଏବଂ ମାଟ୍ରନ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ହେଲେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସଚେତନତା ସଭା

ବାଲେଶ୍ୱର ଅଫିସ, ୭।୪

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସହଦେବଖୁଣ୍ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବଙ୍କ ସଭାପତିତ୍ୱରେ ପ୍ରଥମେ ପୋଷ୍ଟର ଉନ୍ମୋଚନ ସହ ସଚେତନତା ରାଲିକୁ ଶୁଭାରମ୍ଭ କରିଥିଲେ। ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଶଶାଙ୍କ ଶେଖର ଚୌଧୁରୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଡା. ଲମ୍ବୋଦର ବଳ, ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ରାଲି ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗଦ୍ଦେବ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଡା. ମିଶ୍ର ବିଶ୍ୱସ୍ୱାସ୍ଥ୍ୟ ଦିବସର ପାଳନର ଆଭିମୁଖ୍ୟ ଓ ସଚେତନତା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସହକାରୀ ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ରମଣୀକାନ୍ତ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀକାନ୍ତ ସେଠୀ ଏବଂ ପରମାନନ୍ଦ ବାରିକ, ସଞ୍ଜୟ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।


ସଭାରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ ଓ ଅନ୍ୟମାନେ।

# ଏବେ ବି ଚୁଆ ପାଣି ଭରସା

## ଚମ୍ପୁଆ ଏନ୍ଏସିରେ ଅବ୍ୟବସ୍ଥା

ଚମ୍ପୁଆ, ୭।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସିରେ ଦେଖିବାକୁ ମିଳିଛି ଏକ ବିକଳ ଚିତ୍ର। ଆଜି ପାଣି ପାଇଁ ଚୁଆ ଉପରେ ନିର୍ଭର କରୁଛନ୍ତି ମାଛଘାଟ ସାହି ବାସୀନ୍ଦା। ଚମ୍ପୁଆ ପଞ୍ଚାୟତରୁ ଏନ୍‌ଏସି ଘୋଷଣା ହେବା ପ୍ରାୟ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ୧ ନମ୍ବର ୱାର୍ଡ ଗୋଧୂଳି ଗ୍ରାମର ମାଛଘାଟ ସାହି ବାସୀନ୍ଦାମାନେ ଜଳ କଷ୍ଟ ନିବାରଣ ପାଇଁ ନାଳରୁ ଚୁଆ ଖୋଳି ଜଳ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ମୌଳିକ ଅସୁବିଧା ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ ଆଶା କରାଯାଇଥିଲେ ମଧ୍ୟ ତାହା ଏବେ ଆଶାରେ ରହିଯାଇଛି। ରାସ୍ତାଘାଟ, ବିଜୁଳି ଓ ପାନୀୟ ଜଳକୁ ଅଧିକ ଗୁରୁତ୍ୱ ଦେଉଥିବା ଏନ୍‌ଏସିର ନଜର ଏହା ଉପରେ ପଡି ପାରୁନାହିଁ।


ମହିଳାମାନେ ଚୁଆରୁ ପାଣି ସଂଗ୍ରହ କରି ନେଉଛନ୍ତି।

ସୂଚନା ଅନୁସାରେ, ଗୋଧୂଳି ଓ ଶିରିପୁର ସୀମାରେ ଅବସ୍ଥିତ ଏହି ମାଛଘାଟ ସାହିରେ ପ୍ରାୟ ଶତାଧିକ ଲୋକ ବସବାସ କରୁଛନ୍ତି। ମାତ୍ର ଏମାନଙ୍କ ପାଇଁ ପାନୀୟ ଜଳ ପାଲଟିଛି ଦୁଃସ୍ୱପ୍ନ। ସକାଳ ହେଲେ ଜଳ ଚିନ୍ତା ଦୂର କରିବାକୁ ପାଖରେ ବୋହିଯାଉଥିବା ଏକ ନାଳରେ ଚୁଆ ଖୋଳି ଗାଁ ଲୋକେ ଜଳ ସଂଗ୍ରହ କରିଥାନ୍ତି। ଏହି ଜଳ ତାଙ୍କ ଜଳ କଷ୍ଟକୁ ମେଣ୍ଟାଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ ସାହିରେ ନଳକୂପଟିଏ ମଧ୍ୟ ବସି ପାରିଲା ନାହିଁ। ରାଜନୈତିକ ଦୃଷ୍ଟି କୋଣରୁ ଗୋଧୂଳି ଗ୍ରାମ ଏକ ମହତ୍ୱ ଗ୍ରାମ ଭାବେ ପରିଚିତ ହୋଇଥିବା ବେଳେ ଚମ୍ପୁଆ ଏନ୍‌ଏସିର ପ୍ରଥମ ୫ ବର୍ଷ ଚେୟାରମ୍ୟାନ ଭାବେ ଗୋଧୂଳି ଗ୍ରାମର ଜଣେ ମହିଳା ଦାୟିତ୍ୱ ନିର୍ବାହ କରିଥିଲେ। ତଥାପି ଏହି ମାଛଘାଟ ସାହି ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ବର୍ଷା ଦିନେ ଉକ୍ତ ନାଳରେ ଗଳିଆ ପାଣି ଆସୁଥିବାରୁ ନିକଟସ୍ଥ ଗ୍ରାମ ଶିରପୁରରୁ ଏମାନେ ପାନୀୟ ଜଳ ସଂଗ୍ରହ କରିଥାନ୍ତି। ଏ ନେଇ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହାଙ୍କୁ ପଚାରିବାରୁ ମୁଁ ଉକ୍ତ ସମସ୍ୟା ବିଷୟରେ ଖବର ପାଇ ମାଛଘାଟ ସାହି ଯାଇଥିଲି। ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀଙ୍କୁ ଏ ନେଇ ଚିଠି କରାଯାଇଛି। ଖୁବଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

## ନାବାଳିକା ଅପହରଣ ଘଟଣାରେ ଯୁବକ ଗିରଫ

ସୋର, (ଡି.ଏନ.ଏ.)-ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗତ ମାର୍ଚ୍ଚ ୧୧ତାରିଖରେ ଆରୁହାବାଡ଼ ଗ୍ରାମର ଖୁଦିରାମ ବାରିକ(୨୪) ନାବାଳିକାଙ୍କୁ ଅପହରଣ କରିଥିବା ନେଇ ସୋର ଥାନାରେ ୨୫ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ.୧୩୫/୨୨) ରୁଜୁ କରି ତଦନ୍ତ କରି ବାଲେଶ୍ୱର ଚାନ୍ଦମାରି ପଡ଼ିଆ ନିକଟରୁ ଖୁଦିରାମଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହିତ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସଂକ୍ଷେପରେ

### ଘାଟିରେ ଓଲଟିଲା ଜିପ୍ ଜଣେ ମୃତ, ୨୦ରୁ ଊର୍ଦ୍ଧ୍ୱ ଆହତ

କେନ୍ଦୁଝର, ୭।୪ (ସ୍ୱ.ପ୍ର.): କେନ୍ଦୁଝର ଜିଲା ତେଲକୋଇ ଥାନା ଜଗମୋହନପୁର ଅଞ୍ଚଳରୁ ନୟାକୋଟ ଥାନା ଅନ୍ତର୍ଗତ ବାଂଶପାଳ ସାପ୍ତାହିକ ହାଟକୁ ଗୁରୁବାର ଯାତ୍ରୀ ନେଇ ଯାଉଥିବା ସବାରୀ ଜିପ (ଓଆର-୦୯ଏଲ/୬୨୩୩) ଗୁଣ୍ଡୁଳା ଘାଟିରେ ଓଲଟି ପଡିବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ଆହତ ହୋଇଥିବା ଜଣାପଡିଛି। ମୃତକଙ୍କ ନାମ ବରା ପରିହାଳ (୫୦)। ତାଙ୍କ ଘର ଟଣ ଗ୍ରାମରେ। ଗୁରୁବାର ସକାଳ ପ୍ରାୟ ୧୦ ଟାରେ ଯାତ୍ରୀ ନେଇ ଏହି ସବାରୀ ଗାଡିଟି ବାଂଶପାଳ ବାହାରିଥିଲା । କାଞ୍ଜିପାଣି ଥାନା ଅନ୍ତର୍ଗତ ସାନହୁଣ୍ଡୁଳା ଗ୍ରାମ ନିକଟ ଉକ୍ତ ଘାଟିରେ ଚଢୁଥିବା ବେଳେ ଭାରସାମ୍ୟ ହରାଇ ଗାଡି ଟି ପାଖାପାଖି ୫୦ ଫୁଟ ତଳକୁ ଖସି ଯାଇଥିଲା ବୋଲି ସେମାନେ କହିଛନ୍ତି। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ପ୍ରଥମେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜଗମୋହନ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଆହତ ମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଏନେଇ ପୋଲିସ ଏକ ମାମଲା (ନଂ.୧୧/୨୦୨) ରୁଜୁ କରି ତଦନ୍ତ ଜାରି ରଖିଛି। ଏନେଇ କାଞ୍ଜିପାଣି ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ କହିଛନ୍ତି ଆହତମାନଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି।

### ଖୋଲିଲା ଜଳଛତ୍ର

ବାଲେଶ୍ୱର ଅଫିସ,୭।୪- ବାଲେଶ୍ୱର ସହର ସ୍ଥିତ ମାକଲପୁର ହନୁମାନ ମନ୍ଦିର ନିକଟରେ ବିଜେଡି ପକ୍ଷରୁ ମଙ୍ଗଳବାର ଏକ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତଥା ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଆଗାମୀ ଦିନରେ ପୌରପାଳିକା ପକ୍ଷରୁ ମଧ୍ୟ ବିଭିନ୍ନ ସ୍ଥାନରେ ଜଳଛତ୍ର ସ୍ଥାପନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ଯୁବ ସଂଗଠକ ଭାଗବତ ସାହୁ, ପୌରପରିଷଦର କାଉନସିଲର ଅମିତ କୁମାର ନାୟକ, କୁରୁଡା ପଞ୍ଚାୟତ ସରପଞ୍ଚ ତାପସ ପାଣିଗ୍ରାହୀ, ଅସିତ ଦାସ, ସପନ ଖିଲାର, ସନ୍ତୋଷ ଦାସ, ସୁଦୀପ୍ତ ପିଟର, ଶୁଭମ ସାଇ ମହାପାତ୍ର, ସୁଜାତା ଦାସ, ଆଶ୍ରିତା ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍‌ରୁ ପଡ଼ି ଯୁବକ ମୃତ

ରାଇରଙ୍ଗପୁର, ୭।୪ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଯାମଦା ଥାନା ଅଧୀନ ମରଣ୍ଡା -ବାମବୋଦ ରାସ୍ତାରେ ବୁଧବାର ରାତିରେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଇକ୍ ଚାଳକ ତୋଳାପାଣି ଗ୍ରାମର ତାରସ୍ ହେମ୍ବ୍ରମ। ଏଥିସହ ବାଇକ୍‌ରେ ବସିଥିବା ସୁଜିତ୍ ମୁର୍ମୁ ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ତାରସ୍ ଏବଂ ସୁଜିତ୍ ବାମବାଦ ମାର୍କେଟରୁ ବାଇକ୍‌ରେ ନିଜ ଗ୍ରାମକୁ ଫେରୁଥିବା ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାରସ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ମାମଲା (ନଂ.୩୫/୨୨) ରୁଜୁ କରାଯାଇଛି।

### ଜନତ କପ କ୍ରିକେଟ ଟୁର୍ନାମେଣ୍ଟ ତୁଡିଗଡିଆ ଚାମ୍ପିୟନ

ଖଇରା, ୭।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କଣ୍ଟାପଡା ଖେଳ ପଡିଆରେ ସୋମବାର ଜନତ କପ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମୋଟ ୮ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ତୁଡିଗଡିଆ ଓ ଭଦ୍ରକ ତାଜ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ତାଜ ସ୍ପୋର୍ଟିଂ ଏବଂ ତୁଡିଗଡିଆ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ତାଜ ସ୍ପୋର୍ଟିଂ ୬ଓଭରରେ ୭୩ରନ ସଂଗ୍ରହ କରିଥିଲା । ଜବାବରେ ତୁଡିଗଡିଆ ୭୪ରନ କରି ବିଜୟ ଲାଭ କରିଥିଲା । କଣ୍ଟାପଡା ଏମ୍‌କେ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ମ୍ୟାଚରେ ଦେବକୀନନ୍ଦନ ସାମଲ, ଅନୁକୂଳ ଚନ୍ଦ୍ର ଗିରି, ହରେକୃଷ୍ଣ ପଣ୍ଡା ଓ ବିଜୟ ନାୟକ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ସରପଞ୍ଚ ବସନ୍ତ କୁମାର ପାତ୍ର ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ । ଯୁବକ ସଂଘ ସଭାପତି ରାଜନୁ ରଞ୍ଜନ ଜେନା, ସମ୍ପାଦକ ସତୀଶ ବିଶ୍ୱାଳ ବିଜୟୀ ଦଳକୁ ଟ୍ରଫି ସହ ୧୬ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ।

# ଶିମିଳିପାଳ ପାଦଦେଶରେ ଦୂର ହେବ ନେଟୱର୍କ ସମସ୍ୟା

**ବିଶୋଇ, ୭।୪ (ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶରେ ଥିବା ଆଦିବାସୀ ଅଧ୍ୟୁଷିତ ବିଶୋଇ ଅଞ୍ଚଳରେ ଦୀର୍ଘ ଦିନ ଧରି ମୋବାଇଲ ନେଟୱର୍କ ସମସ୍ୟା ଲାଗିରହିଥିଲା। ସାରସକଣା ବିଧାୟକ ଡାକ୍ତର ବୁଦ୍ଧାନ ମୁର୍ମୁଙ୍କ ପ୍ରଚେଷ୍ଟାରେ ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହେବାକୁ ଯାଉଛି। ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗର ସଞ୍ଚାର ମନ୍ତ୍ରାଳୟ ସହିତ ବିଧାୟକ ଡାକ୍ତର ମୁର୍ମୁଙ୍କ ହସ୍ତକ୍ଷେପ ପରେ ବିଶୋଇ ବ୍ଲକର ଖଡ଼ମବେଡା ପଞ୍ଚାୟତ ସ୍ଥିତ ବାତୁଣିଆ ଓ ଏନ. ବି ପୋଖରିଆ ପଞ୍ଚାୟତର ରଙ୍ଗାମାଟିଆ ଅଞ୍ଚଳରେ ମୋବାଇଲ ଟାୱାର ବସିବାକୁ ଯାଉଛି।

ସୂଚନାଥାଉକି, ବିଶୋଇ ବ୍ଲକର ୧୩ ଗୋଟି ପଞ୍ଚାୟତର ୧୫୦ରୁ ଊର୍ଦ୍ଧ୍ୱ ଗ୍ରାମ ରହିଥିବା ବେଳେ ବ୍ଲକର ଏନ. ବି ପୋଖରିଆ, ଜୁଡ଼ିଆ ଓ ବାଉତିବେଡା ପ୍ରମୁଖ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଗ୍ରାମରେ ମୋବାଇଲ ନେଟୱର୍କ ସମସ୍ୟା ଲାଗି ରହିଛି। ଫଳରେ ଏହି ଅଞ୍ଚଳର ଜନସାଧାରଣ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାରୁ ବଞ୍ଚିତ ହୋଇ ଆସୁଛନ୍ତି। ତେବେ, କରୋନା ମହାମାରୀ ସମୟରେ

**କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ**

ଏହି ଅଞ୍ଚଳରେ ଥିବା ମେଧାବୀ ଛାତ୍ରୀଛାତ୍ର ମଧ୍ୟ ଅନଲାଇନ ଶିକ୍ଷା ଗ୍ରହଣରୁ ବଞ୍ଚିତ ହେବା ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଉକ୍ତ ମୁଖ୍ୟ ସମସ୍ୟା ପ୍ରସଙ୍ଗକୁ ନେଇ ବିଧାୟକ ଡାକ୍ତର ବୁଦ୍ଧାନ ମୁର୍ମୁ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କୁ ଚିଠି କରିବା ସହିତ ବାତୁଣିଆ ଓ ରଙ୍ଗାମାଟିଆରେ ମୋବାଇଲ ଟାୱାର ସ୍ଥାପନ ନେଇ ଅବଗତ କରାଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଏହି ପ୍ରସଙ୍ଗକୁ ଗୁରୁତ୍ୱ ନେଇ ଦୂରସଞ୍ଚାର ବିଭାଗର ମହା ନିର୍ଦ୍ଦେଶକଙ୍କୁ ତର୍ଜମା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମହାନିର୍ଦ୍ଦେଶକ ନିଜାମୁଲ ହକଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀଙ୍କ ତର୍ଜମା ପରେ ଏନ.ବି ପୋଖରିଆ ପଞ୍ଚାୟତର ରଙ୍ଗାମିଆଟିଆ ଗ୍ରାମରେ ମୋବାଇଲ ଟାୱାର ସ୍ଥାପନ ହେବାକୁ ଯାଉଛି ବୋଲି ବିଭାଗୀୟ ଅଧିକାରୀଙ୍କ ପାଖରୁ ସୂଚନା ଜାରି କରାଯାଇଛି। ସେହିପରି ବାତୁଣିଆ ଅଞ୍ଚଳରେ ପୂର୍ବରୁ ବିଏସଏନଏଲ ଟାୱାର ସ୍ଥାପନ ହୋଇ ସାରିଛି। ଖୁବଶୀଘ୍ର ବାତୁଣିଆରେ ମୋବାଇଲ ନେଟୱର୍କ ସ୍ଥାପନ କରାଯିବ ବୋଲି ବିଭାଗୀୟ ଅଧିକାରୀ ବିଧାୟକଙ୍କୁ ରିପୋର୍ଟ ଦେଇଛନ୍ତି।

## ଖବରଦାତାଙ୍କୁ ବେଡ଼ି ଘଟଣା
# ବିଭିନ୍ନ ମହଲରେ ପ୍ରତିକ୍ରିୟା

**ବାଲେଶ୍ୱର ଅଫିସ/ସଜନାଗଡ, ୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ଜଣେ ଖବରଦାତାଙ୍କୁ ପୋଲିସ ଆକ୍ରୋଶମୂଳକ ଭାବେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବେଡ଼ି ପକାଇବା ଘଟଣାରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଘଟଣାକୁ ନିନ୍ଦା କରି ବାଲେଶ୍ୱର ଜିଲା ନୀଳଗିରିରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ଦଳେଇଙ୍କ ପ୍ରତି ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ସହିତ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୋଡ଼ରେ ବେଡି ପକାଇବା ଦୁଃଖଦାୟକ ଓ ଗଭୀର ଚିନ୍ତାଜନକ ଘଟଣା ବୋଲି କହିଛନ୍ତି। ଗଣତନ୍ତ୍ରରେ ଭିନ୍ନ ମତକୁ ସମ୍ମାନ ଦେବାକୁ ପଡ଼େ। କିନ୍ତୁ ଏକ ପେସାଦାର ଅପରାଧୀ ଭଳି ଜଣେ ଖବରଦାତାଙ୍କୁ ବେଡି ପକାଯିବା ସୁସ୍ଥ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ଏଭଳି କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଧର୍ମେନ୍ଦ୍ର ଟୁଇଟରେ ଉଲ୍ଲେଖ କରିଛନ୍ତି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ଏଭଳି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ନୀଳଗିରି ଅଞ୍ଚଳରେ ବେଆଇନ ଭାବେ ହେଉଥିବା ବାଲି ଚୋରି, ବେଆଇନ ପଥର ବ୍ଲାଷ୍ଟିଂ, ଚୋରା କାଠ କାରବାର, ମଦ ଓ ବ୍ରାଉନ୍‌ସୁଗାର ବେପାର କରୁଥିବା ମାଫିଆଙ୍କ ସହ ପୋଲିସ କେବେ ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦେଖିବାର ମିଳି ନ ଥିବା କହି ଉଦ୍‌ବେଗ ପ୍ରକାଶ କରିଥିଲେ। ସେ ଲାଞ୍ଚଖୋର୍ ପୋଲିସ ଓ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ନୀଳିଗିରି ପୋଲିସ ବ୍ରିଟିଶ ଶାସନ ଚଳାଇଛି ବୋଲି କହିଛନ୍ତି। ପୋଲିସର ଏଭଳି ବର୍ବରକାଣ୍ଡକୁ ନେଇ ନୀଳଗିରିବାସୀ ମର୍ମାହତ। ଜଣେ କାର୍ଯ୍ୟରତ ଖବରଦାତାଙ୍କ ଗୋଡ଼ରେ ବେଡ଼ି ପକାଇ ହସ୍ପିଟାଲରେ ଚିକିତ୍ସା କରିବା ନିନ୍ଦନୀୟ ଓ ଆଦୌ ଗ୍ରହଣୀୟ ନୁହେଁ। ଆଇଆଇସି ଦ୍ରୌପଦୀ ଦାସ ଅତି ରୁକ୍ଷ ବ୍ୟବହାର କରନ୍ତି। ଏକଥା ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବାରମ୍ବାର କହିଥିବା ଗୁରୁବାର ଏସ୍‌ପିଙ୍କୁ ମଧ୍ୟ ସାକ୍ଷାତ କରି ଜଣାଇଛି। ନୀଳଗିରି ସିପିଏମ୍ ଆଞ୍ଚଳିକ କମିଟି ତରଫରୁ ପୋଲିସର ଏଭଳି ବର୍ବରକାଣ୍ଡକୁ ନିନ୍ଦା କରାଯାଇ ନୀଳଗିରି ଆଇଆଇସିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ‘ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେବା ଜରୁରୀ’



ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ନେଉଛନ୍ତି।

**ବାହାନଗା, ୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ସଦର ମହୁକମାରେ ଥିବା ବାହାନଗା କନିଷ୍ଠ ମହାବିଦ୍ୟାଳୟ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ପରିସରରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। କନିଷ୍ଠ ମହାବିଦ୍ୟାଳୟ ପରିସରରେ ଦୀର୍ଘ ୯ଦିନ ଧରି ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ବାଲେଶ୍ୱର ଜିଲା ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା ଉଦ୍‌ଘାଟନ କରିବା ସହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ଛାତ୍ରୀମାନେ କିପରି ନିଜକୁ ସୁରକ୍ଷା କରିପାରିବେ ସେ ବିଷୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ସଂଯୋଜକ ତଥା ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ.ସନ୍ତୋଷ କୁମାର ରାଉତ ଯୋଗଦେଇ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଏହି ତାଲିମ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ବିଭିନ୍ନ କୌଶଳ ପ୍ରଶିକ୍ଷକମାନଙ୍କ ଦ୍ୱାରା ଗ୍ରହଣ କଲେ ଯାଇ ଜଣେ ଛାତ୍ରୀ ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରିପାରିବ ବୋଲି ପ୍ରକାଶ କରିଥିଲେ। ସଭାପତିତ୍ୱ କରିଥିଲେ ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ କୁମାର ମହାରଣା। କାର୍ଯ୍ୟକ୍ରମ ଅଧିକାରିଣୀ ସବିତା ଦାସ ପରିଚାଳନା କରିଥିଲେ। ଏଥିରେ ପ୍ରଶିକ୍ଷକ ଭାବେ ଆଦ୍ୟାଶା ଦାସ ଓ ଅଲିଭା ମହାନ୍ତି ୧୦୫ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରୁଛନ୍ତି ।

# ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

**କେନ୍ଦୁଝର, ୭।୪(ଡି.ଏନ୍.ଏ./ସ୍ୱ.ପ୍ର.)**

୧୪ଦଫା ଦାବି ନେଇ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍, କେନ୍ଦୁଝର ଶାଖା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କର୍ମଚାରୀମାନଙ୍କର ସମସ୍ୟା ସମାଧାନ ଦିଗରେ ସରକାର ଶୀଘ୍ର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଅଙ୍ଗନୱାଡି କ୍ଷେତ୍ରରେ ସ୍କିମ ପ୍ରଥାକୁ ଉଚ୍ଛେଦ କରି ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରାଯିବା ଚାକିରୀ ସର୍ତ୍ତାବଳୀ ଲାଗୁ କରିବା, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିନାହିଁ କର୍ମୀମାନଙ୍କୁ ସେ ପର୍ଯ୍ୟନ୍ତ ମାସିକ ୨୧ ହଜାର ଟଙ୍କା ଏବଂ ସହାୟିକାମାନଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରିବା, ୨୦୧୯ ମାର୍ଚ୍ଚ ମାସରେ ସରକାରଙ୍କ ଦ୍ୱାରା ଘୋଷିତ ଅବସରକାଳୀନ ସହାୟତା ରାଶି ଏବଂ ଗ୍ରୀଷ୍ମ ଅବକାଶକୁ କାର୍ଯ୍ୟକାରୀ କରିବା ଆଦି ଦାବି ନେଇ ଅଙ୍ଗନୱାଡି କର୍ମଚାରୀମାନେ କେନ୍ଦୁଝର କାଳୀପଡିଆରୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଆସୋସିଏଶନ୍‌ର ଜିଲା ଶାଖା ସଭାନେତ୍ରୀ ସୋମବାରୀ ନାଏକ, ସମ୍ପାଦିକା ମମତାରାଣୀ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ୪୮ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ



ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ବୁଲି ଦେଖୁଛନ୍ତି।

**ବାସୁଦେବପୁର,୭।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଅଟଳ ବିହାରୀ ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ମୋଟ ୪୮ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ୧୦ ଶ୍ରେଷ୍ଠ ପ୍ରକଳ୍ପକୁ ଜିଲା ସ୍ତରକୁ ମନୋନୀତ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା, ବିଧାୟକ ପ୍ରତିନିଧି ଅସିତ ଦାସ, ପ୍ରଧାନଶିକ୍ଷକ ଯାମିନୀକାନ୍ତ ପାଢ଼ୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ସଭାରେ ପୌରୋହିତ୍ୟ କରିଥିଲେ। ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟ, ମୁଖ୍ୟବକ୍ତା ଓଡ଼ିଶା ବିଜ୍ଞାନ ଏକାଡେମୀ ସଦସ୍ୟ ନୀହାର ରଞ୍ଜନ କର, ଏବିଇଓ ସୁକାନ୍ତି ବାରିକ, ମୀନା କୁମାର ମଲିକ, ଉର୍ମିଳା କର ପ୍ରମୁଖ ଯୋଗ ଦେଇଥିଲେ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୫୯୦ ପଞ୍ଜୀକୃତ

**ବାସୁଦେବପୁର,୭।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ତୁଳମତୁଳାର ବାମାମଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ୫୯୦ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଛନ୍ତି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଧାୟକ ପ୍ରତିନିଧି ଅସିତ ଦାସ, ସରପଞ୍ଚ ରାଜେନ୍ଦ୍ର ସାହୁ, ସମିତିସଭ୍ୟ ସୁରେନ୍ଦ୍ର ପ୍ରସାଦ ବେଜ, ବାସୁଦେବପୁର ଡାକ୍ତରଖାନାର ମୁଖ୍ୟ ଚିକିତ୍ସକ ଡା. ସୁଶାନ୍ତ ସାମନ୍ତ, ସମିତିସଭ୍ୟା ଜୟନ୍ତୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ସତ୍ୟଜିତ୍ ରାଉତ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ମାୟାଧର ପାଣିଗ୍ରାହୀ, ସିଆର୍‌ସିସି ମନୋଜ ଦୀକ୍ଷିତଙ୍କ ସମେତ ବିଭିନ୍ନ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

# ମହୋତ୍ସବ ଆଞ୍ଚଳିକ ସଂସ୍କୃତିକୁ ପରିପୁଷ୍ଟ କରେ

**ସୋର, ୭।୪(ଡି.ଏନ.ଏ.)**

**ସୋର ମହୋତ୍ସବର ୪ର୍ଥ ଅଧିବେଶନ**

ସୋର କାଳୀପଡ଼ିଆ ନିକଟରେ ବନ୍ଦେ ମାତରମ୍ କଲଚ୍ୟୁରାଲ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ୧୪ତମ ସୋର ମହୋତ୍ସବର ୪ର୍ଥ ଅଧିବେଶନ ମହୋତ୍ସବ କମିଟି ସଭାପତି ଗୌରୀଶଙ୍କର ଘଡ଼ାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୁବ ଇଞ୍ଜିନିୟର ପ୍ରତୀକ ପଟ୍ଟନାୟକ ଯୋଗଦେଇ ମହୋତ୍ସବ ଆଞ୍ଚଳିକ ସଂସ୍କୃତିକୁ ପରିପୁଷ୍ଟ କରିବା ସହ ସ୍ଥାନୀୟ ପ୍ରତିଭାଧାରଙ୍କୁ ଆଗକୁ ବଢ଼ିବାର ସୁଯୋଗ ସୃଷ୍ଟି କରିଥାଏ ବୋଲି କହିଥିଲେ। ଏଥିସହ ତାଙ୍କ ଉଦ୍ୟମରେ ଏକ ଅତ୍ୟାଧୁନିକ ଚକ୍ଷୁ ଚିକିତ୍ସାଳୟ ସୋରରେ ପ୍ରତିଷ୍ଠା ହେବ ବୋଲି ସେ ଘୋଷଣା କରିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ ପ୍ରଦୀପ କୁମାର ଦାଶ ଯୋଗଦେଇ କରୋନା ପାଇଁ ସୋରବାସୀଙ୍କ ବହୁ ପ୍ରତୀକ୍ଷିତ ଏହି ମହୋତ୍ସବ ପାଳିତ ହୋଇପାରି ନ ଥିଲା ବୋଲି କହିଥିଲେ। ଏହି ଅବସରରେ ମହୋତ୍ସବର ମୁଖ୍ୟ ପରିଚାଳକ ଶଶି କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ କମିଟି ସମ୍ପାଦକ ଅଜିତ୍ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି କୋଷାଧ୍ୟକ୍ଷ ପ୍ରଭାକର ନାୟକ, ଗୌରୀଶଙ୍କର ସିଂ, ତାପସ କୁମାର ପାତ୍ର, ତପନ କର, କବୀନ୍ଦ୍ର ପଣ୍ଡା, ମନୋଜ କୁମାର ରାୟ, ଜୀବନ କୁମାର ଦାସ, ତୁଷାର ଜେନା, ପ୍ରକାଶ ମାଝି, ଶ୍ରୀଧର ମହାପାତ୍ର, ପ୍ରଭାତ କୁମାର ଦାସ, ବୁଟେଶ୍ୱର ସାହୁ, ଗୟାଧର ବେହେରା, କାହ୍ନୁ ଚରଣ ବେହେରାଙ୍କ ସହ ମହୋତ୍ସବ କମିଟି ଓ ଆଦର୍ଶ ଯୁବ ପରିଷଦର ସମସ୍ତ ସଦସ୍ୟା/ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭଦ୍ରକ, ଚାନ୍ଦବାଲିରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଭଦ୍ରକ ଅଫିସ, ୭।୪**

ଭଦ୍ରକ ପୌର ଉପାଧ୍ୟକ୍ଷ ଓ ଚାନ୍ଦବାଲି ଏନ୍‌ଏସିର ଉପନଗରପାଳ ଆସନକୁ ନିର୍ଦ୍ୱନ୍ଦ୍ୱରେ ବିଜେଡି ହାତେଇ ନେଇଛି। ସୂଚନା ଅନୁଯାୟୀ, ଭଦ୍ରକ ପୌରପାଳିକାର ୬ ନଂ. ୱାର୍ଡର କାଉନସିଲର ବିଜେଡିର ଅଞ୍ଜୁବାଳା ଜେନା ଉପାଧ୍ୟକ୍ଷା ଏବଂ ଚାନ୍ଦବାଲି ଏନ୍‌ଏସିର ୧୦ ନଂ. ୱାର୍ଡର କାଉନ୍‌ସିଲର ବିଜେଡିର ଅମରେନ୍ଦ୍ର ସାହୁ ଉପନଗରପାଳ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

**ଧାମନଗର ଏନ୍‌ଏସିରେ ହୋଇନି ନିର୍ବାଚନ**

ଧାମନଗର ଏନ୍‌ଏସିରେ ଗତ ମାସ ୨୪ ତାରିଖରେ ମତଦାନ ବେଳେ ଛୁରାମାଡ଼ ଘଟଣାକୁ ନେଇ ନିର୍ବାଚନ ବନ୍ଦ ରହିଥିଲା। ଚଳିତମାସ ୫ ତାରିଖରେ ସାନି ମତଦାନ ହୋଇ ୬ରେ ଫଳାଫଳ ପ୍ରକାଶ ପାଇଛି। ଉପନଗରପାଳ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଗୁରୁବାର ନିର୍ବାଚନ ହୋଇନାହିଁ। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

# ଖଇରା, କୁପାରୀରେ ବିଶ୍ୱସ୍ୱାସ୍ଥ୍ୟ ଦିବସ

**ଖଇରା, ୭।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି ।

ଯୋଗଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର, ବିପିଏମ ସୂର୍ଯ୍ୟକାନ୍ତ ମିଶ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ସଂଯୁକ୍ତା ପଣ୍ଡା, ଆୟୁଷ ଡାକ୍ତର ସଞ୍ଜୀବ ବିଶ୍ୱାଳ ଯୋଗଦେଇ ଆମ ସ୍ୱାସ୍ଥ୍ୟ ଏବଂ ପରିବେଶର ସୁରକ୍ଷା ପାଇଁ ସ୍ୱଚ୍ଛତାର ଅନେକ ଆବଶ୍ୟକତା ରହିଛି ବୋଲି କହିଥିଲେ । ସୁପରଭାଇଜର ମୁକ୍ତିକାନ୍ତ ପଣ୍ଡା, ଫାର୍ମାସିଷ୍ଟ ଜୀବନକୃଷ୍ଣ ଦାସ, କିରାଣି ମନୋଜ ରଣା, ରେଡିଓଗ୍ରାଫର ପ୍ରସନ୍ନଜିତ ସାମଲ ଓ ଲକ୍ଷ୍ମୀଧର ପାତ୍ର ଉପସ୍ଥିତ ଥିଲେ। ସେହିଭଳି କୁପାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ଅନୋଲା ଜଗଦେବ, ଆୟୁଷ ଡାକ୍ତର ଜୟନ୍ତ ସାମଲ ଯୋଗଦେଇ ସ୍ୱାସ୍ଥ୍ୟ ସଚେତନତା ଉପରେ ପରାମର୍ଶ ଦେଇଥିଲେ। ତିଳୋତ୍ତମା ଦିଦି, ଗଣେଶ ଚନ୍ଦ୍ର ଭୂୟାଁ ସହଯୋଗ କରିଥିଲେ। ପରେ ଯୋଗ ଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କିତ ବିଭିନ୍ନ ଯୋଗ ଶିଖାଇଥିଲେ।



ଖଇରା ମେଡିକାଲରେ ବିଶ୍ୱସ୍ୱାସ୍ଥ୍ୟ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଶିକ୍ଷକଙ୍କ ଗୋ ସେବା ନିଷ୍ଠା

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୭।୪**

ଶିକ୍ଷକତା କରିବା ସହ ସ୍ୱଦେଶୀ ବିଚାର ଧାରା ରଖି ଚାଷ ଓ ଗୋସେବା କରି ଏକ ନିଆରା ପରିଚୟ ସୃଷ୍ଟି କରିଛନ୍ତି ପାଟଣା ବ୍ଲକ ଡେଣୁଆ ଗ୍ରାମର ଡମ୍ବରୁଧର ମହାନ୍ତ। ମୁରୁସୁଆଁ ନୋଡାଲ ହାଇସ୍କୁଲରେ ହିନ୍ଦି ଶିକ୍ଷକ ଭାବେ କାମ କରିଆସୁଥିବା ଡମ୍ବରୁଧରଙ୍କ ବାପା ସ୍ୱର୍ଗତ ବିଶ୍ୱନାଥ ମହାନ୍ତ ଜଣେ ଚାଷୀ ଥିଲେ। ବାପାଙ୍କ ଦେହାନ୍ତ ପରେ ଭାଇମାନଙ୍କ ମଧ୍ୟରେ ଭାଗ ବେଳେ ୨/୩ଟି ଗୋରୁଗାଈ ପାଇଥିଲେ। ଆଜି ତାଙ୍କର ଗୋସେବା ମନୋଭାବ ଯୋଗୁ ଏହି ସଂଖ୍ୟା ୪୮ରେ ପହଞ୍ଚିଛି। ଗୋସେବା ଠାରୁ ଅନ୍ୟ କୌଣସି ଧାର୍ମିକ କାର୍ଯ୍ୟନାହିଁ। ଏଣୁ ଏହି ସେବା କାର୍ଯ୍ୟରେ ତାଙ୍କ ସ୍ତ୍ରୀ କାଞ୍ଚନମଣୀ ମହାନ୍ତ ସହାୟତା କରିଥାନ୍ତି। ଗୋରୁଗାଈଙ୍କୁ ଖାଦ୍ୟପାନୀୟ ଦେବା ସହ କ୍ଷୀର ଦୁହିଁଥାନ୍ତି।

ଗାଈ କ୍ଷୀରକୁ ଘରେ ବ୍ୟବହାର କରିବା ସହ ବଳକା ସ୍ଥାନୀୟ ସୋସାଇଟି ତଥା ସ୍ଥାନୀୟ ଲୋକଙ୍କୁ ବିକିଥାନ୍ତି। ଏଣୁ ଘରେ କ୍ଷୀର, ଦହି ବା ଘିଅର ଅଭାବ ନାହିଁ । ସେସବୁ ବିକି ଯାହା ମିଳେ ସେଥିରେ ଗୋରୁଗାଈଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିଥାନ୍ତି। ପଶୁ ଚିକିତ୍ସା କେନ୍ଦ୍ର ପକ୍ଷରୁ ଚିକିତ୍ସା ସେବା ମିଳୁଥିଲେ ହେଁ ଏଥିପାଇଁ ସରକାରୀ ପ୍ରୋତ୍ସାହନ କିଛି ମିଳୁନାହିଁ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି।



ସ୍ତ୍ରୀଙ୍କ ସହ ଶିକ୍ଷକ ଡମ୍ବରୁଧର ମହାନ୍ତ।

ଗୋରୁଗାଈଙ୍କ ଗୋବରରେ ଦୁଇଟି ଗୋବର ଗ୍ୟାସ ପ୍ଲାଣ୍ଟ କରି ରୋଷେଇ କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ସେହିପରି ଗୋ ମୂତ୍ରରେ ନିମ୍ବ ପତ୍ର, ଅରଖ ପତ୍ର ମିଶାଇ କୀଟନାଶକ ଔଷଧ ପ୍ରସ୍ତୁତ କରି ନିଜର ବାଡ଼ିବଗିଚାରେ ଉପଯୋଗ କରିଥାନ୍ତି। ସେହିପରି ଖତକୁ ବ୍ୟବହାର କରି ଜୈବିକ ସାର ପ୍ରସ୍ତୁତ କରି ନିଜର ଜମି ଓ ବାଡିବଗିଚାରେ ଫସଲ ତଥା ପନିପରିବା ଚାଷ କରୁଥିବା କୁହନ୍ତି । ଶିକ୍ଷକତା ପରେ ବଳକା ସମୟକୁ ଗୋରୁଗାଈଙ୍କ ସେବା ତଥା ବାଡିବଗିଚା, ଚାଷ କାର୍ଯ୍ୟ ଆଦିରେ ବିନିଯୋଗ କରିଥାନ୍ତି ବୋଲି ଡମ୍ବରୁଧର କୁହନ୍ତି। ସେହିପରି ଘରେ ଛେଳି, କୁକୁଡା, ବତକ ମଧ୍ୟ ପାଳନ କରିଛନ୍ତି । ଆଗକୁ ୧୦୦ ଗୋରୁଗାଈ ରଖିବା ସହ ଜୈବିକ ପ୍ରଣାଳୀ ଚାଷ କରି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିବା ତଥା ଗୋବର ଦୀପ, ଗୋ ମୂତ୍ରରୁ ଫିନାଇଲ ପ୍ରସ୍ତୁତ କରି ସମସ୍ତଙ୍କୁ ବ୍ୟବହାର ପାଇଁ ସଚେତନତ କରିବା ଆଶା ରଖିଛନ୍ତି। ଡମ୍ବରୁଧରଙ୍କ ଦୁଇ ପୁଅ ଓ ଝିଅ ଅଛନ୍ତି । ସେମାନେ ପାଠ ପଢୁଛନ୍ତି । ସେ ପତଞ୍ଜଳୀ ଯୋଗ ସମିତି ଓ ଭାରତ ସ୍ୱାଭିମାନର ଜିଲା ପ୍ରଭାରୀ ରହିଥିବା ବେଳେ ସ୍ୱଦେଶୀ ସାମଗ୍ରୀର ବ୍ୟବହାର, ପାରମ୍ପରିକ ଚିକିତ୍ସା ବ୍ୟବସ୍ଥାର ବିକାଶ ପାଇଁ ଚାଲିଥିବା ଜନଆନ୍ଦୋଳନକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିଥିବା କହିଛନ୍ତି।

